ସକାଳ THE SAKALA



### ଗ୍ରୀଷ୍ମପ୍ରବାହ ଜାରି; ଦୈନିକ ଓ ସାପ୍ତାହିକ ହାଟର ସମୟ ନିର୍ଦ୍ଧାରଣ

# ପୂର୍ବାହ୍ଣ ୧୧ରୁ ଅପରାହ୍ଣ ୪ଟା ଯାଏ ବନ୍ଦ ନିର୍ଦ୍ଦେଶ

**ବାରିପଦା, ୩୧ ।୩(ସମିସ)**

ପାଣି ପାଗ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରବଳ ଖରା ନିମନ୍ତେ ଲୋକମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ପ୍ରଶାସନ ଅଣ୍ଟା ଭିଡିଛି। ପଦକ୍ଷେପ ସ୍ୱରୂପ ଖାଉଟି ଓ ବ୍ୟବସାୟୀଙ୍କ ମଧ୍ୟରେ କିଣାବିକା କରିବା ପାଇଁ ପ୍ରଶାସନ ପକ୍ଷରୁ ଦୈନିକ ଏବଂ ସାପ୍ତାହିକ ହାଟଗୁଡିକର ସମୟ ନିର୍ଦ୍ଧାରଣ



କରାଯାଇଛି। ତଦନୁସାରେ ମୟୂରଭଞ୍ଜ ଜିଲ୍ଲାରେ ଦୈନିକ ଓ ସାପ୍ତାହିକ ହାଟଗୁଡିକ ଜନସାଧାରଣଙ୍କ ପାଇଁ ଦିନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଦିବା ୧୧ଟା ଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସମସ୍ତ ହାଟ ବନ୍ଦ ରହିବ। ଏହି ସମୟ ନିର୍ଘଣ୍ଟ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏତଦ ବ୍ୟତୀତ ଟାଣଖରା ଓ ତାତିରୁ ରକ୍ଷା ପାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଆବଶ୍ୟକ ନଥିଲେ ଟାଣ ଖରାରେ ପଦାକୁ ନ ବାହାରିବା, ଖରାରେ ବାହାରକୁ ଯିବାର ଆବଶ୍ୟକ ଥିଲେ ଥିଲେ ପ୍ରଚୁର ପାଣି ପିଇବା ସହିତ ଜୋତା, ଛତା ଚଷମା ଓ ମୁଣ୍ଡରେ ଓଦା ଗାମୁଛା ବ୍ୟବହାର କରିବା, ସଙ୍ଗରେ ଥଣ୍ଡା ପାଣି ବୋତଲ ଏବଂ ଓ ଆରଏସ ପକେଟ ଆଦି ରଖିବା, ହାଲିଆ ଲାଗିଲେ ଛାଇ ବା ଚାଳିଆ ଜାଗାରେ ବିଶ୍ରାମ ନେବା ଆଦି ଅବଲମ୍ବନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ଥଣ୍ଡା ପାନୀୟ ଜଳ ସେବାକେନ୍ଦ୍ର ଉଦ୍‌ଘାଟିତ



**ବାରିପଦା ୩୧ ।୩(ସମିସ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ତୃଷା ମେଣ୍ଟାଇବା ନିମନ୍ତେ ସୋମବାର ବାରିପଦା ପୌରପାଳିକା କାର୍ଯ୍ୟାଳୟ ଏବଂ ଅଫିସ ସମ୍ମୁଖରେ ଥଣ୍ଡା ପାନୀୟ ଜଳ ସେବାକେନ୍ଦ୍ର ଶୁଭାରମ୍ଭ ହୋଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସେବାକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଧର୍ମାନନ୍ଦ ବେହେରା ଏବଂ ବିଭିନ୍ନ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ, ବିଧାୟକ ଓ ନଗରପାଳ ଲୋକଙ୍କୁ ଦହି ସର୍ବତ, ଥଣ୍ଡା ପାନୀୟ ଜଳ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଯେ, ବାରିପଦା ସହରର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ପାଇଁ ପୌରପାଳିକା ତରଫରୁ ଥଣ୍ଡା ପାନୀୟ ଜଳ ସେବାକେନ୍ଦ୍ର ଖୋଲାଯାଇଛି। ଏହି ଥଣ୍ଡା ପାନୀୟ ଜଳ ସେବାକେନ୍ଦ୍ରଗୁଡିକରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ପର୍ଯ୍ୟନ୍ତ ଲୋକଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ଉପଲବ୍ଧ ହେବ। ବାରିପଦା ପୌରପାଳିକା ପକ୍ଷରୁ ସହରରେ ଏଯାଏ ୪୦ଟି ଜଳଛତ୍ର ଖୋଲାଯାଇଛି। ଏଥିସହିତ ସ୍ଥାନୀୟ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ପରିଚାଳନା ନେଇ ଦାୟିତ୍ୱ ଦିଆଯାଇଛି।

# ବାରିପଦାରେ ଇଦ୍ ପର୍ବ ପାଳିତ



**ବାରିପଦା, ୩୧ ।୧(ସମିସ):** ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦଉଲ ଫିତର ପର୍ବ ବାରିପଦା ସହରରେ ଶାନ୍ତିଶୃଙ୍ଖଳା ମଧ୍ୟରେ ପାଳିତ ହୋଇଛି। ସହରର ବିଭିନ୍ନ ମସଜିଦଙ୍କରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନମାଜ୍ ପାଠ କରିଥିଲେ। ଏଥିପରେ ପରସ୍ପରକୁ ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଧର୍ମାଲମ୍ବୀ ମାନେ ଦୀର୍ଘ ଏକ ମାସର ନିଷ୍ଠାର ସହ ଉପବାସ ନୀତି ପରେ ଇଦ ପାଳନ କରିଥିବା ବେଳେ ତାଙ୍କ ମଧ୍ୟରେ ବେଶ ଖୁସି ଦେଖିବାକୁ ମିଳିଥିଲା। ଇଦ ପର୍ବ ନେଇ ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡ଼ ପଡ଼ିଆ, ଲାଲ ବଜାର ଆଦି ମସଜିଦ ଗୁଡିକରେ ଶ୍ରଦ୍ଧାଳୁ ମାନେ ନୂଆ ବସ୍ତ୍ର ପରିଧାନ କରି ମହାଆଡମ୍ବରରେ ଇଦ ପର୍ବ ପାଳନ କରିଛନ୍ତି। ଇଦ ପର୍ବକୁ ନେଇ ବାରିପଦା ସହରରେ ଭାଇଚାରା ଦେଖିବାକୁ ମିଳିଥିଲା। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକେନ ଇଦ ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି। ତ୍ୟାଗ ଓ ସମର୍ପଣର ପର୍ବରେ ଶାନ୍ତିମୟ, ସମୃଦ୍ଧ ସମାଜ ପାଇଁ ସମସ୍ତେ ଆଗେଇ ଆସିବାକୁ ନିଜ ମଧ୍ୟରେ ଆହ୍ୱାନ ଦେଇଥିଲେ। ଇଦ ପର୍ବକୁ ନେଇ ଶାନ୍ତି ଶୃଙ୍ଖଳା ପରିସ୍ଥିତି ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

# କର୍କଟରେ ଆକ୍ରାନ୍ତ ଲକ୍ଷ୍ମୀ; ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



**ବାରିପଦା, ୩୧ ।୩(ସମିସ):** ଦଇବ ଯେବେ ଦାଉ ସାଜେ, ମଣିଷ ଭାଗ୍ୟକୁ ନିନ୍ଦିବା ସହ ଅନ୍ୟ କିଛି ବାଟ ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ସ୍ତନ୍ୟ କର୍କଟରେ ଆକ୍ରାନ୍ତ ଲୋଧା ସମ୍ପ୍ରଦାୟର ମହିଳା ଲକ୍ଷ୍ମୀ ମଲ୍ଲିକଙ୍କ କ୍ଷେତ୍ରରେ। କର୍କଟ ଆକ୍ରାନ୍ତ ଥିବା ବେଳେ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିବା ବେଳେ ଚିକିତ୍ସାଭାବରୁ ରୋଗଗ୍ରସ୍ତ ହୋଇ ପଡ଼ି ରହିଛନ୍ତି ଲକ୍ଷ୍ମୀ। ଯାହାକୁ ନେଇ ଦୁଇ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧକାର। ବାରିପଦା ସହରରୁ ୫ କିମି ଦୂର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବଜ୍ରତୁଣ୍ଡି ଗ୍ରାମର ଲକ୍ଷ୍ମୀ ମଲ୍ଲିକ ଏକବର୍ଷ ହେବ ସ୍ତନ୍ୟ କର୍କଟ ରୋଗରେ ଆକ୍ରାନ୍ତ। ଚିକିତ୍ସା ଅଭାବରୁ ସେ ରୋଗଗ୍ରସ୍ତ ହୋଇ ରହିଛନ୍ତି। ତାଙ୍କ ପରିବାର କହିଲେ ସ୍ୱାମୀ ଓ ଦୁଇ ଝିଅ। ପ୍ରଥମେ ବାରିପଦା ପିଆରଏମ ହସ୍ପିଟାଲରେ ଚିକିତ୍ସା କରିବା ପରେ କଟକ ସ୍ଥିତ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଯାଞ୍ଚ କରିବା ପରେ ସ୍ତନ୍ୟ କର୍କଟ ବୋଲି ଜଣାପଡ଼ିଥିଲା। ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ସୁଦ୍ଧା ଚିକିତ୍ସା ନିମନ୍ତେ ଉକ୍ତ ଅର୍ଥ ମଧ୍ୟ ଅଭାବ ପଡୁଛି। ଲୋଧା ସମ୍ପ୍ରଦାୟର ଲୋକେ ହୋଇଥିବା ବେଳେ ମୂଲମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ଲୋଧା ସମ୍ପ୍ରଦାୟ ପିଭିଟିଜି ଜନଜାତିବର୍ଗର ହୋଇଥିଲେ ସୁଦ୍ଧା ସରକାରୀ ଉଦାସୀନତା ପାଇଁ ବିକାଶଠାରୁ ଦୂରରେ ରହିଛନ୍ତି। ଉକ୍ତ ଗରିବ ପରିବାରରେ ଲକ୍ଷ୍ମୀଙ୍କ ଚିକିତ୍ସା ନିମନ୍ତେ ଅର୍ଥ ଅଭାବ ସାଜିଛି। ସ୍ଥାନୀୟ ପ୍ରଶାସନଙ୍କୁ ଜଣାଇଲେ ସୁଦ୍ଧା ଚିକିତ୍ସା ନେଇ କୋଣସି କଥା ବୁଝୁନାହାନ୍ତି। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ଚିକିତ୍ସା ତ ଦୂରର କଥା ଔଷଧ କିଣିବା ପାଇଁ ଟଙ୍କା ନାହିଁ। ଏମିତିକି ନିଜର ନିୟମିତ କାର୍ଯ୍ୟ ନିମନ୍ତେ ଦୁଇ ଝିଅ ଉପରେ ନିର୍ଭରଶୀଳ। ଫଳରେ ଦୁଇ ଝିଅଙ୍କ ପାଠ ପଢ଼ାରେ ମଧ୍ୟ ଡୋରି ଲାଗିବାକୁ ଯାଇଛି। କୁନି କୁନି ହାତରେ ମା'ର ସେବା କରୁଛନ୍ତି। କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ କଲବଲ ହେଉଛନ୍ତି ଲକ୍ଷ୍ମୀ। ଆର୍ଥିକ ସମ୍ବଳ ନ ଥିବାରୁ କର୍କଟ ରୋଗ ଚିକିତ୍ସା ନ ପାଇ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ସ୍ୱାମୀ ଓ ପିଲାଙ୍କ ସହିତ ସୁଖୀ ପରିବାର ବଞ୍ଚିବା ପାଇଁ ଇଚ୍ଛା ଥିଲେ ସୁଦ୍ଧା ରୋଗ ପାଇଁ ତାଙ୍କର ସବୁ ଆଶା ମଉଳିଯାଇଛି। ପିଲାଙ୍କ ସୁନ୍ଦର ଭବିଷ୍ୟତ ଓ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ନିମନ୍ତେ ପରିବାର ଲୋକେ ଚାହିଁ ବସିଛନ୍ତି। ଏ ନେଇ ବିଭାଗୀୟଅଧିକାରୀଙ୍କୁ ଜଣାଇବାରୁ ଏ ବାବଦରେ ଶ୍ୟାମାଖୁଣ୍ଟା ବିଡ଼ିଓ ଚିକିତ୍ସା ବ୍ୟବସ୍ଥା କରାଇବେ ବୋଲି କହିଛନ୍ତି।




# ସ୍କୁଲରୁ ବାହାରି ଏକୁଟିଆ ଚାଲିଚାଲି ଯିବା ଘଟଣାକୁ ନେଇ ଅସନ୍ତୋଷ

**ଠାକୁରମୁଣ୍ଡା, ୩୧।୩ (ସମିସ):** ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରୁ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରୀ ସ୍କୁଲରୁ ବାହାରି ଏକୁଟିଆ ଚାଲି ଚାଲି ଘରକୁ ଯିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ଜଣାପଡ଼ିବ।। ପରେ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ସମାଜ ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ଦାଶ, ମହୁଲଡ଼ିହା ଥାନା ଅଧିକାରୀ ଅଶୋକ କୁମାର ପହି ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରୁଛନ୍ତି। ସାତକୋଶିଆ ପଞ୍ଚାୟତ ଜାମୁନଣ୍ଡା ଗ୍ରାମର ଗଙ୍ଗାଧର ବେହେରାଙ୍କ ଝିଅ ତୁଳସୀ ସାତକୋଶିଆ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଛନ୍ତି। ସେ ସୋମବାର ପୂର୍ବାହ୍ଣ ୧୧ଟାରେ ସ୍କୁଲରୁ ବାହାରି ଚାଲି ଚାଲି ଏକୁଟିଆ ଠାକୁରମୁଣ୍ଡା- ଆନନ୍ଦପୁର ଜଙ୍ଗଲ ରାସ୍ତାଦେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ପଚାରି ବୁଝିଥିଲେ। ପରେ ଲୋକେ ଉଦ୍ଧାର କରି ବିଦ୍ୟାଳୟରେ ଜିମା ଦେଇଥିଲେ। ଏ ନେଇ ଦାୟିତ୍ୱରେ ଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ଦାୟୀ କରିଥିଲେ।

# ଗଡ଼ିଆରେ ରାଜ୍ୟସ୍ତରୀୟ ଛଉନୃତ୍ୟ ମହୋତ୍ସବ




**ମୋରଡ଼ା, ୩୧ ।୩(ସମିସ)**

ମୋରଡ଼ା ବ୍ଲକ ଅନ୍ତର୍ଗତ ଗଡ଼ିଆ ଗ୍ରାମ୍ୟ ମେଳଣ ପଡ଼ିଆରେ ଗତ ଶନିବାର ରାଜ୍ୟସ୍ତରୀୟ ଛଉନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋହି ଗ୍ରାମର ବାବା ଶିବଶକ୍ତି ଛଉନୃତ୍ୟ ପ୍ରତିଷ୍ଠାନର କଳାକାରଙ୍କୁ ନେଇ ଶବର ଶବରୀ, କେଉଟ-କେଉଟୁଣୀ, ଶିବ-ପାର୍ବାତୀ ବିବାହ ଆଦି ଛଉନୃତ୍ୟ ପରିବେଷଣ କରାଯାଇଥିଲା। ଜାତୀୟ ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନ (ଏନ.ଆର.ଡି.ଆଇ) ଦ୍ୱାରା ଆୟୋଜିତ ଉକ୍ତ ଉତ୍ସବକୁ କେନ୍ଦ୍ର ସଂସ୍କୃତି ବିଭାଗ ପ୍ରୋତ୍ସାହନରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ତଥା କୋଷ୍ଠା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ପାତ୍ର ଯୋଗଦେଇ ମୟୂରଭଞ୍ଜ ଛଉର ଅତୀତର ଇତିହାସ ଓ ବର୍ତ୍ତମାନ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କବିରତ୍ନ ନୂତନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିରୂପେ ବରିଷ୍ଠ ଆଇନଜୀବୀ ନରୋତ୍ତମ ପାଣିଗ୍ରାହୀ, ମୋରଡାର ରେଞ୍ଜ ଅଫିସର ଘନଶ୍ୟାମ ସିଂ, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଦିଲ୍ଲୀପ କୁମାର ଧୀର, ପଣ୍ଡିତ ମୃତ୍ୟୁଞ୍ଜୟ ବେହେରା, ସମାଜସେବୀ ସୁବାଷ ଚନ୍ଦ୍ର ଦାସ, ପ୍ରଫେସର ବିଶ୍ୱଜିତ୍ ନାୟକ ପ୍ରମୁଖ ଯୋଗଦେଇ ଆୟୋଜକ ଏବଂ ଛଉନୃତ୍ୟ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏନ.ଆର.ଡି.ଆଇ ସମ୍ପାଦକ ଯୁବ ସମାଜସେବୀ କୁମାର ସମୟ ରଞ୍ଜନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଏନ.ଆର.ଡି.ଆଇ.ର ଅଧ୍ୟକ୍ଷ ବିଶ୍ୱଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଗଡ଼ିଆ ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଜନମାବେଶ ହୋଇଥିଲା।




# ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସ

**ବାରିପଦା, ୩୧ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦୃଶ୍ୟ ମାନତା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସକାଳ ୮ଟାରେ ଛଉ ପଡ଼ିଆରେ କିନ୍ନରଙ୍କୁ ନେଇ ଏକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରୋଜ ସ୍ପେଶାଲ ସ୍କୁଲର ପ୍ରଧାନ ଶିକ୍ଷକ ସପନ କୁମାର ମହାନ୍ତି, ଦୃଷ୍ଟି ବାଧିତ ଓ ମୂକବଧିର ସ୍ପେଶାଲ ସ୍କୁଲର କ୍ରୀଡା ଶିକ୍ଷକ ବିଜୟ କୁମାର ସାହୁ ଓ ପ୍ରମୋଦ କୁମାର ମହାନ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସହିତ କିନ୍ନର ସମାଜର ସମ୍ମାନ ସ୍ୱୀକୃତି, ଉନ୍ନତି ତଥା ସମାନତା ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ଲା ଚିକିତ୍ସା ଅଧିକାରୀ ବିଜୟ କୁମାର ଦାସ, ମୟୂରଭଞ୍ଜ କିନ୍ନର ସଂଘର ସଭାପତି ମିସ ମନୀଷା, ସମ୍ପାଦକ ମିସ ମୟୂରୀ, ସଦସ୍ୟା ମିସ ମାୟା, ସମାଜସେବୀ ତଥା ଦିଗଦର୍ଶକ ହେମଲତା ଉପସ୍ଥିତ ଥିଲେ। କିନ୍ନର ମହାସଂଘର ସଭାପତି ଓ ସମ୍ପାଦକ ସେମାନଙ୍କ ପାଇଁ ଥିବା ଯୋଜନାଗୁଡିକ କିପରି ଲାଭାର୍ଥୀ ହୋଇପାରିବେ ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ନେଇ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ କୃତୀ କିନ୍ନରଙ୍କୁ ପୁରସ୍କୃତ କରାଯାଇଥିଲା।





## କାଳବୈଶାଖୀ କ୍ଷତିଗ୍ରସ୍ତ ଘର ସଜାଡ଼ିବ ଟାଟା

ବିଶୋଇ, ୩୧।୩ (ସମିସ): ଗତ ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ଖଡ଼ମବେଡ଼ା ଓ ଯୋଡ଼ିଆ ପଞ୍ଚାୟତରେ କାଳବୈଶାଖୀ ଓ କୁଆପଥର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଦୁଇଟିଯାକ ପଞ୍ଚାୟତର ୧୪ଶହରୁ ଉର୍ଦ୍ଧ୍ୱ ପରିବାର ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଝାଡ଼ଖଣ୍ଡର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ଷଢେଇକଳା ବିଧାୟକ ଚମ୍ପାଇ ସୋରେନଙ୍କ ନେତୃତ୍ୱରେ ଟାଟା କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ଅଞ୍ଜନ ମିଶ୍ରଙ୍କ ସହିତ କମ୍ପାନୀର ଏକ ଟିମ ଗତକାଲି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହିତ ବିପନ୍ନ ପରିବାରକୁ ଭେଟିଛନ୍ତି। ଚମ୍ପାଇଙ୍କ ସହିତ ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିବ୍ ମହାନ୍ତି, ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ କମ୍ପାନୀ ଟିମ ସହିତ ଆସି ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ଓ ତହସିଲଦାର ସତ୍ୟବାନ ନାଏକଙ୍କ ସହିତ ଆଲୋଚନା କରିଥିଲେ। ପରେ କ୍ଷତିଗ୍ରସ୍ତ ଅଞ୍ଚଳ ମୂଷାମାରି, ପୁଣ୍ଡିଦା, କେଶରଗାଡ଼ିଆ ଓ ବୁରୁଡ଼ିହି ଗ୍ରାମକୁ ଉକ୍ତ ଟିମ ପରିଦର୍ଶନରେ ଯାଇ ବୁଲି ଦେଖି ବିପନ୍ନ ପରିବାରଙ୍କୁ ଭେଟିଛନ୍ତି। ସମସ୍ତ କ୍ଷତିଗ୍ରସ୍ତ ବାସଗୃହ ଟାଟା କମ୍ପାନୀ ଦ୍ୱାରା 'ଟାଟା ସିଟ' ଆଜବେଷ୍ଟସ୍ ଯୋଗାଇଦେବା ପାଇଁ ଶ୍ରୀ ସୋରେନ ଓ ବିଧାୟକ ଭାଦବ୍ ଆଲୋଚନା ସହିତ ବିଭାଗୀୟ ଅଧିକାରୀଙ୍କୁ ଉପଦେଶ ଦେଇଥିଲେ। ଆଗାମୀ ଦିନରେ ସମସ୍ତ ବିପନ୍ନ ପରିବାରକୁ ଗୃହ ମରାମତି ସହିତ କ୍ଷତିଗ୍ରସ୍ତ ଘରରେ ଟାଟା ସିଟ ଆଜବେଷ୍ଟସରେ ଛାତ ନିର୍ମାଣ କରାଯିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

### ଝିଗୋଡ଼ିଆ ଗ୍ରାମରେ ବିଦ୍ୟୁତ୍ ସରବରାହ ଠପ୍

## ଆନ୍ଦୋଳନ ପାଇଁ ଆଦିବାସୀଙ୍କ ସଜବାଜ

ଶରତ, ୩୧।୩(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ମଝିଗୋଡ଼ିଆ ଗ୍ରାମର ଟାର୍ନସଫର ପୋଡ଼ି ଯାଇଥିବାରୁ ଦୀର୍ଘ ୯ ମାସ ହେଲାଣି ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଫଳରେ ଗାଁର ୩୦ଟି ପରିବାର ହନ୍ତସନ୍ତ ହେବା ସହିତ ଗରମରେ ଆଉଟୁପାଉଟୁ ହେଉଛନ୍ତି। ବିଦ୍ୟୁତ ସରବରାହ ବନ୍ଦ ଥିବାରୁ ଛାତ୍ରଛାତ୍ରୀ ପାଠ ମଧ୍ୟ ପଢ଼ିପାରୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ କପ୍ତିପଦା ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ; ହେଲେ ଆଜିଯାଏ କୌଣସି ଫଳ ମିଳିନାହିଁ। ନୂତନ ଟାନ୍ସଫର୍ମର ବସାଇବା ନିମନ୍ତେ ୨୦ ହଜାର ଟଙ୍କା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ କୁହାଯାଇଥିଲା ଏବଂ ଗ୍ରାମବାସୀ ଟଙ୍କା ଦାଖଲ କରିବା ପରେ ମଧ୍ୟ ବିଭାଗ ପକ୍ଷରୁ ନୂତନ ଟାର୍ନସଫର ବସାଯାଇନାହିଁ। ଏହି ପ୍ରସଙ୍ଗକୁ ନେଇ ଆଜି ଗ୍ରାମରେ ଏକ ବୈଠକ ବସିଥିଲା। ଉଦଳା ଉପ-ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରସ୍ତୁତ କରି ଦସ୍ତଖତ ସଂଗ୍ରହ କରିଛନ୍ତି। ୨୦ହଜାର ଟଙ୍କା ଦାଖଲ କରିବା ସତ୍ତ୍ୱେ ସେମାନଙ୍କୁ ପ୍ରତାରଣା କରାଯାଇଥିବାରୁ ଆଦିବାସୀ ମେଳିବାନ୍ଧିଲେଣି।ଆଗାମୀ ଦିନରେ ଉଦଳା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ନିମନ୍ତେ ସଜବାଜ ହେଉଥିବା ମଧ୍ୟ ସୂଚନା ମିଳିଲାଣି। ମଝିଗୋଡ଼ିଆ ୱାର୍ଡସଭ୍ୟ ଜିଙ୍ଗି ପୂର୍ତ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ନରସିଂହ ହୋ, ସୁରେନ୍ଦ୍ର ହୋ, ରାମ ହୋ, ବିଦ୍ୟାସାଗର ସିଂ, କୁନା ସିଂ, ପାରାଇ ହୋ, ସୁରେନ୍ଦ୍ର ସିଂ, ଶିଦିଓ ସିଂ, ଫୁଲମଣୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ୨ ଗୁରୁତର

ବାରିପଦା, ୩୧।୩(ସମିସ): ବାରିପଦା ଟାଉନ ଥାନା ଅନ୍ତର୍ଗତ କୁରୁଙ୍ଗାସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ପୁଅ ନିଜ ମାଆଙ୍କୁ ଟେକି କଚାଡି ଦେବା ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ସେହି ସମୟରେ ଉକ୍ତ ଯୁବକକୁ ତାଙ୍କ ମାମୁ ଅଟକାଇବାରୁ ତାଙ୍କୁ ମଧ୍ୟ ସେ ଏକ କାତିରେ ଆକ୍ରମଣ କରିବାରୁ ସେ ମଧ୍ୟ ଗୁରୁତର ହୋଇପଡ଼ିଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆହତମାନେ ହେଲେ ବୈଜୟନ୍ତୀ ସେନାପତି ଓ ଲେମ୍ବୁ ମାଣ। ଆକ୍ରମଣ କରିଥିବା ଅଭିଯୁକ୍ତ ମୁନା ସେନାପତି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ। ପୁଲିସ ତଦନ୍ତ କରୁଛି।

## ବହଳଦାରେ ହିନ୍ଦୁ ନବବର୍ଷ

ବହଳଦା, ୩୧।୩(ସମିସ): ବହଳଦାରେ ରବିବାର ହିନ୍ଦୁ ନବବର୍ଷ ପାଳିତ ହୋଇଛି। ମା' କୀଚକେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା ପରେ ଏକ ବିରାଟ ବାଇକ ଶୋଭାଯାତ୍ରା ବାହାରିଥିଲା। ଶତାଧିକ ଯୁବକ ବାଇକରେ ବିଭିନ୍ନ ସାହି ବସ୍ତି ସହିତ ସମଗ୍ର ବହଳଦା ବଜାର ଅଞ୍ଚଳ ପରିକ୍ରମା କରିଥିଲେ। ଭାରତ ମାତା କୀ ଜୟ, ଜୟ ଶ୍ରୀରାମ, ହିନ୍ଦୁ ଏକତା ଜିନ୍ଦାବାଦ ଶବ୍ଦରେ ସମଗ୍ର ଅଞ୍ଚଳ କମ୍ପିଥିଲା। ଚାରିଆଡ଼େ ଖାଲି ଗୈରିକ ପତାକା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରା ୫କିମି ପରିକ୍ରମା କରି ବିଞ୍ଝିଆ ଗାଁରେ ପହଞ୍ଚି ଥିଲା। ସେଠାରେ ନୂତନ ଭାବେ ନିର୍ମିତ ଶ୍ରୀରାମ ମନ୍ଦିରରେ ସାମୂହିକ ଦୀପ ଜାଳି ଥିଲେ। ମାଧବ ମହାପାତ୍ର, ରାଜେଶ ପାଲ, ସନ୍ତୋଷ ସାହୁ, ମନୋଜ ଅଗ୍ରୱାଲା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଶୋଷ ମେଣ୍ଟାଇ ପାରୁନି ଜଳଯୋଗାଣ ପ୍ରକଳ୍ପ

ଖୁଣ୍ଟିଂ, ୩୧।୩(ସମିସ): ରାଜ୍ୟରେ ଏବେ ପାରଦ ଉପରମୁହାଁ ରହିଥିବା ବେଳେ ତାପମାତ୍ରାର ପ୍ରକୋପ ବଢ଼ି ଚାଲିଛି। ଏଭଳି ପରିସ୍ଥିତିରେ ଘରେ ଘରେ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ମହତ ଉଦ୍ଦେଶ୍ୟ ନେଇ ୧୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଶୁକୃଳି ବ୍ଲକର କେଶନା ଗ୍ରାମରେ ନିର୍ମାଣ ହୋଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ପାଣିଟାଙ୍କି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇ ପାରୁନି। ବୈଷୟିକ ତ୍ରୁଟିଜନିତ କାରଣରୁ ଦୀର୍ଘ ସମୟଧରି ମେସିନ ଚାଲୁ ରଖିଲେ ସୁଦ୍ଧା ଟାଙ୍କି ଜଳ ପରିପୂର୍ଣ୍ଣ ହେଉନଥିବାରୁ କେଶନା ଓ ଘିଖିଲି ଗ୍ରାମବାସୀ ଅଧିକାଂଶ ଦିନ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁଁ ଜଳ ସଙ୍କଟ ଉତ୍କଟ ରୂପ ନେବା ଆଶଙ୍କା ଦେଖା ଦେଇଛି। ଗ୍ରାମର ଏହି ମୌଳିକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ମାସା ଆର୍ମି ପକ୍ଷରୁ ଦସ୍ତଖତ ଅଭିଯାନ

କୁଳିଅଣା, ୩୧।୩ (ସମିସ): କୁଳିଅଣା ବ୍ଲକ ଅଧୀନ ଦାରୁଣିଆ ଗ୍ରାମରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ମାନ୍ୟତା ଦାବିରେ ଚାଲିଥିବା ଦସ୍ତଖତ ଅଭିଯାନ ଦ୍ୱାରା ଦସ୍ତଖତ ସଂଗ୍ରହ କରିଥିଲେ। ମୟୂରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ସହିତ ବିଶେଷ ରାଜ୍ୟର ମାନ୍ୟତା ପ୍ରଦାନ ଦାବିରେ ରାଜ୍ୟ ସଭାପତି ଶ୍ରୀ ମାରାଣ୍ଡି ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେ ଏକ ପ୍ରେସ ମାଧ୍ୟମରେ ସୂଚନା ଦେଇଛନ୍ତି। ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇଛି। ଏହି ଦସ୍ତଖତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ ସାହାଙ୍କ ନିକଟକୁ ପଠାଯିବ ବୋଲି ଜଣାପଡ଼ିଛି।

## ଏମ୍‌ପିସି କମର୍ସ ଆଲୁମନିର ସାଧାରଣ ସଭା



ବାରିପଦା, ୩୧।୩(ସମିସ): ସ୍ଥାନୀୟ ଏମ୍‌କେସି ହାଇସ୍କୁଲ ପରିସରରେ ପୁରାତନ ଛାତ୍ରଙ୍କ ସଭାଗୃହରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଏମପିସି କମର୍ସ ଆଲୁମିନି ଟ୍ରଷ୍ଟର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ଜୀବନ କୁମାର ସାହୁ ମୟୂରଭଞ୍ଜରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ କେନ୍ଦ୍ର ଇସ୍ପାତ ଓ ଭାରି ଉଦ୍ୟୋଗ ମନ୍ତ୍ରୀ କୁମାର ସ୍ୱାମୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଆଲୁମନି ଆସୋସିଏସନର ଅଧ୍ୟକ୍ଷ ଡଃ. ଈଶ୍ୱର ଚନ୍ଦ୍ର ଜେନା ଓ ସମ୍ପାଦକ ଡଃ. ଉପେନ୍ଦ୍ର ନାଥ ସାହୁ ତାଙ୍କୁ ସମ୍ମାନିତ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ରାତ୍ରିକାଳୀନ ବାଙ୍ଗିରପୋଷିରୁ ପୁରୀ ପାଇଁ ଏକ ନୂତନ ରେଳ ଚଳାଚଳ ନିଅନ୍ତେ ଦାବି ଉଠାଇଥିଲେ। ଶ୍ରୀ ସାହୁ ରେଳ ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଏହି ଦାବି ସମ୍ପର୍କରେ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଡଃ. ଉପେନ୍ଦ୍ର ନାଥ ସାହୁ, ଆବାହକ ପୂର୍ଣ୍ଣେନ୍ଦୁ କୁମାର ଦାସ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ପଣ୍ଡା, ପ୍ରଦୀପ କୁମାର ପାଣିଗ୍ରାହୀ, ଚିନ୍ମୟ ଦାସ ପଟ୍ଟନାୟକ, ରାଜୀବ କୁମାର ପାତ୍ର, ସୁଜିତ କୁମାର ଭଞ୍ଜ, ସର୍ବୋତଶ ଦାଶ, ସଞ୍ଜୀବ କୁମାର ଆଚାର୍ଯ୍ୟ, ପ୍ରଭାତ କୁମାର ସାହୁ, ନଚିକେତା ଦାସ, ଅକ୍ଷୟ କୁମାର ଅଗ୍ରୱାଲ ଓ ପଙ୍କଜ କୁମାର ମହାପାତ୍ର ପ୍ରମୁଖ ପୁରାତନ ଛାତ୍ରମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମୟୂରଭଞ୍ଜର ସାମଗ୍ରିକ ବିକାଶ ନିମନ୍ତେ ରାତ୍ରିକାଳୀନ ବାଙ୍ଗିରପୋଷିରୁ ପୁରୀ ଏବଂ ବାରିପଦାରୁ ଅନ୍ୟାନ୍ୟ ରାଜ୍ୟକୁ ରେଳ ସଂଯୋଗୀକରଣର ଆବଶ୍ୟକତା ଅଛି ବୋଲି ମତାମତ ପ୍ରକାଶ ପାଇଥିଲା। ଏହି ସଭାରେ ଡଃ. ଈଶ୍ୱର ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ହୋ ଗାଲାଙ୍ଗ ଜୁମୁର୍ ଉଦ୍‌ଯାପିତ



ରାଇରଙ୍ଗପୁର, ୩୧।୩(ସମିସ): ରାଇରଙ୍ଗପୁର ଷ୍ଟାଡିୟମ୍‌ରେ ହୋ ସମ୍ପ୍ରଦାୟ ପକ୍ଷରୁ ଦୁଇ ଦିବସୀୟ ଜାତୀୟ ହୋ ଗାଲାଙ୍ଗ ଜୁମୁର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ରୂପେ ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ହୋ ସମୁଦାୟ ଲୋକଙ୍କ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ଏକ ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ଉତ୍ସବର ଅନ୍ୟତମ ଅତିଥି ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ବଲିଉଡ ଷ୍ଟାର ରାମ୍ ସିର୍କା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ହୋ ନୃତ୍ୟ ଦଳଗୁଡ଼ିକ ନୃତ୍ୟଗୀତ ପରିବେଷଣ କରିଥିଲେ। ହୋ ଗାଲାଙ୍ଗ ଜୁମୁର କମିଟିର ସଂସ୍ଥାପକ ଗିରୀଶ ଚନ୍ଦ୍ର ହେମ୍ବ୍ରମ, ସଭାପତି ଗଙ୍ଗାଧର ହେମ୍ବ୍ରମ, ମାର୍ଗଦର୍ଶକ ମନୋରଞ୍ଜନ ତିରିଆ, କେନ୍ଦ୍ରୀୟ କମିଟି ସଭ୍ୟ ରାଜେଶ ବୋଦ୍ରା, ଧୋନୀ ବୋଇପାଇ, ମହାନ୍ତି ଜେରାଇ, ଚନ୍ଦ୍ରମୋହନ ମୁଣ୍ଡୁରୀ, ରେଣ୍ଟ୍ରେ ବିରୁଆ, ମୋନିକା କଣ୍ଡାଙ୍କେଲ, ଚନ୍ଦ୍ରିକା କଣ୍ଡାକେଲ, ପୁନମ୍ ପୂର୍ତ୍ତି, ସୁନୀଲ ଜାମୁଦା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଡହଡହ ଖରା; ଖୋଲୁନି ଜଳଛତ୍ର; ବାଟୋଇ ହନ୍ତସନ୍ତ

ବୈଶିଙ୍ଗା, ୩୧।୩ (ସମିସ): ପ୍ରବଳ ଖରା ସତ୍ତ୍ୱେ ବୈଶିଙ୍ଗାରେ ଜଳଛତ୍ର ଖୋଲିନାହିଁ। ଫଳରେ ଡହ ଡହ ଖରାରେ ପଥଚାରୀ ହନ୍ତସନ୍ତ ହେଉଛନ୍ତି। ଦିନକୁ ଦିନ ପାରଦ ଉପର ମୁହାଁ ହେବାରେ ଲାଗିଛି। ଏଭଳି ସ୍ଥିତିରେ ସହରରେ ଜଳଛତ୍ର ଦେଖିବାକୁ ମିଳୁନାହିଁ। ରାତି ପାହିଲେ ବିଭିନ୍ନ ସରକାରୀ ଓ ବେସରକାରୀ କାମରେ ଲୋକେ ଏଠାକୁ ଆସନ୍ତି। କିନ୍ତୁ ଜଳଛତ୍ର ଖୋଲା ଯାଇନଥିବାରୁ ଲୋକେ ବାଧ ହୋଇ ଦୋକାନ ପାଣି ଉପରେ ନିର୍ଭର କରୁଛନ୍ତି। ପଥଚାରୀଙ୍କ ସୁବିଧା ପାଇଁ ସହରରେ ଜଳଛତ୍ରର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବୈଶିଙ୍ଗା ବସ ଷ୍ଟାଣ୍ଡ ସମେତ ଥାନା ଜନଗହଳିପୂର୍ଣ୍ଣ ସ୍ଥାନରେ ପଥଚାରୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଫଳରେ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଘରୁ ବାହାରିଲା ବେଳକୁ ଦେହ ଜଳି ଗଲା ପରି ଲାଗୁଛି। ପିଇବା ପାଣିର ଆବଶ୍ୟକ ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଶୀଘ୍ର ଜଳଛତ୍ର ବ୍ୟବସ୍ଥା କଲେ ଲୋକେ ଉପକୃତ ହେବେ।

## ବ୍ରାହ୍ମଣ ମହାସଂଘର ବିଶ୍ୱ କଲ୍ୟାଣ ମହାଯଜ୍ଞ ପୂର୍ଣ୍ଣାହୁତି

ରାଇରଙ୍ଗପୁର, ୩୧।୩(ସମିସ): ବାମନଘାଟି ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ୪ ଦିନ ଧରି ଚାଲିଥିବା ବିଶ୍ୱ କଲ୍ୟାଣ ମହାଯଜ୍ଞ ରବିବାର ପୂର୍ଣ୍ଣାହୁତି ହୋଇଯାଇଛି। ପୁରୀରୁ ଆସିଥିବା ବେଦଜ୍ଞ ପଣ୍ଡିତ ଏବଂ ସଂଘର ବରିଷ୍ଠ ସଦସ୍ୟ ପଣ୍ଡିତ ଜନରଞ୍ଜନ ଦାଶ, ପଣ୍ଡିତ ସମୀର ଦାଶ, ଚିକୁ ମିଶ୍ରଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଶେଷ ହୋଇଥିଲା। ପ୍ରଥମ ଦିନ ଅଙ୍କୁରା ରୋପଣ, ଦ୍ୱିତୀୟ ଦିନରେ ଘଟ ପୂଜା, କଳସ ସର୍ବ ଦେବଦେବୀ ହୋମ, ଯାତ୍ରା, ଗୋପୂଜା, ବ୍ରତ ପୋନୋୟନ, ଚଣ୍ଡୀ ପୂଜା, ଚତୁର୍ଥ ଦିନ, ସୂର୍ଯ୍ୟ ପୂଜା, ରୁଦ୍ରାଭିଷେକ, ଗୀତା ଯଜ୍ଞ, ଆଳତୀ ଆଦି ନୀତିକାନ୍ତି ସମାପନ ହେବା ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ସଂଘର ସଭାପତି ଗଣେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁଶାନ୍ତ ଶର୍ମା, ଉପସଭାପତି ତରୁଣ ନନ୍ଦ, ଈଶ୍ୱର ପ୍ରହରାଜ, ସହ ସମ୍ପାଦକ କ୍ରିଷ୍ଣା ଶର୍ମା, ବରିଷ୍ଠ ସଦସ୍ୟ ରବିନାରାୟଣ ହୋତା, ଟୁନା ପାଣି, କୋଟି ପଣ୍ଡା, ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।



## କାୟାକଳ୍ପରେ ବଡ଼ଓଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟରେ ଶ୍ରେଷ୍ଠ



କୁଆମରା, ୩୧।୩(ସମିସ): ଚଳିତ ବର୍ଷର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣବତ୍ତା ଉନ୍ନତିକରଣରେ ମୂଲ୍ୟାଙ୍କନ କରୁଥିବା କାୟାକଳ୍ପ ନିରୀକ୍ଷଣର ଫଳାଫଳ ପ୍ରକାଶ ପାଇଛି। ଏଥିରେ ବଡଓଲିଆ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟର ଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଏହି କେନ୍ଦ୍ର ସ୍ୱାସ୍ଥ୍ୟ ସେବାର ମାନ ବଢ଼ାଇବା ସହିତ ପରିଷ୍କାର ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ହୋଇଥିବା ଏହି ମୂଲ୍ୟାଙ୍କନରେ ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ୧୪ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ସବସେଣ୍ଟର) ଉତ୍ସାହଜନକ ଭାବେ ପୁରସ୍କାର ପାଇଛି। ଜାନୁଆରୀ ମାସରେ ଜିଲ୍ଲାସ୍ତରରେ ଗଠନ ହୋଇଥିବା ଏକ ପ୍ରତିନିଧି ଦଳ ଆସି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରବୀନ୍ଦ୍ର ନାଥ ସିଂ ଏବଂ ବିପିଏମ ସୀମା ରାଉତଙ୍କ ଉପସ୍ଥିତିରେ ନିରୀକ୍ଷଣ କରିଥିଲେ। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଅର୍ଜୁନ ସବ୍ୟସାଚୀ ଦାସ, ଆୟୁଷ ଚିକିତ୍ସା ଅଧିକାରୀ ଡ. କିଶୋର କୁମାର ରାଉତ, ଫାର୍ମାସିଷ୍ଟ କମଳ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ସାହିତ ହୋଇଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

କପ୍ତିପଦା, ୩୧।୩(ସମିସ): ଖପରାପାଳ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଗୋଳଆଗଡ଼ିଆ କ୍ଲଷ୍ଟରର ସଂଯୋଜକ



ଲକ୍ଷ୍ମଣ ବିନ୍ଧାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ମା' ବାସନ୍ତୀ ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଅଶୋକ ଦାସ ଯୋଗଦେଇ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ଏହା ଦ୍ୱାରା ପିଲାମାନଙ୍କର ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିରେନ୍ଦ୍ର ପତି, ପୂର୍ବତନ ସଭାପତି ରବୀନ୍ଦ୍ର କିସ୍କୁ, ଉପସଭାପତି କବିତା ବେହେରା, ଜ୍ୟୋତିରେଖା ଦାସ, ୱାର୍ଡ ସଭ୍ୟା ନଗୀମଣି ହାଁସଦା, ରଘୁନାଥ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିକିରଣ ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**କୁଆମରା:** ଗୋପବନ୍ଧୁ ନଗର ବ୍ଲକ ଅଧୀନ ପୁରୁଣା ବାରିପଦାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅବସରରେ ବ୍ରହ୍ମାଞ୍ଜଳୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଭବାନୀଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଗୁରୁଜୀ ବ୍ରହ୍ମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଆଦର୍ଶ ଗୁରୁଜୀ ଗୁରୁମାମାନେ ସଂକଳ୍ପବଦ୍ଧ ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଲିଙ୍ଗରାଜ ନାୟକ ଯୋଗଦାନ କରି ଶିଶୁମାନଙ୍କୁ ଉପଯୁକ୍ତ ସଂସ୍କାର ଦେଇ ଶିକ୍ଷାଦାନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ




ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଳମଣି ନାଏକ, ବଡ଼ସାହି ସଂକୁଳ ପ୍ରମୁଖ ଡକ୍ଟର କୁମାର ବାବୁଲି, ଉତ୍ତମ କୁମାର ଦାସ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବଡ଼ସାହିର ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତୀ ରାଉତ, ପୁରୁଣା ବାରିପଦା କ୍ଲଷ୍ଟରର ସିଆରସିସି ଭାଗିରଥି ପରିଡ଼ା ଓ ଜ୍ଞାନରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷକ ବିଙ୍କିମ୍ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଶୁକୃଳି:** ଶୁକୃଳି ବ୍ଲକ ଅନ୍ତର୍ଗତ ଆନନ୍ଦ ମାର୍ଗ ବିଦ୍ୟାନିକେତନ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ଭାବର୍ମତନନ୍ଦ ଅବଧୂତ (ଶିକ୍ଷା ସଚିବ ଆନନ୍ଦ ମାର୍ଗ ବିଦ୍ୟାନିକେତନ), ମୁଖ୍ୟବକ୍ତା



ଆକାଶ ରଥ(ନିର୍ଦ୍ଦେଶକ ତକ୍ଷଶୀଳା ଇଣ୍ଟରନ୍ୟାସନାଲ ବିଦ୍ୟାଳୟ ଆନନ୍ଦପୁର), ବିଡିଓ ବ୍ରହ୍ମାନନ୍ଦ ବେହେରା, ତହସିଲଦାର ଜତୀନ୍ଦ୍ର ନାଥ ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଗିରି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରମଣୀ ମହାନ୍ତି, ଶୁକୃଳୀ ମେଡିକାଲ ଅଫିସର ଶାନ୍ତନୁ କୁମାର ଟୁଡୁ, ଜିଲ୍ଲାପରିଷଦ ସଭ୍ୟ ବିକାଶ ରଞ୍ଜନ ସିଂ ଓ ଗୋଲକ ବିହାରୀ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ରଜନୀଗନ୍ଧା ଷଡ଼ଙ୍ଗୀ, ଟୁଲେଭ ଚନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ପାତ୍ର, ରୋହିତ କୁମାର ଭୋଇ, ମନ୍ମଥ ନାୟକ, ନିଶିକାନ୍ତ ନାୟକ, ବିଶାଖାବାଲା ସାହୁ, ସଞ୍ଜିତା ମିଶ୍ର, ପୂଜାରାଣୀ ପାତ୍ର, ରୁକ୍ମଣୀ ମହାନ୍ତି, ସୁନୀତା ସାହୁ, ସୁପ୍ରିୟା ଦେହୁରୀ, ନୃତ୍ୟ ଶିକ୍ଷିକା ସୁସ୍ମିତା ପାତ୍ର, ଅଲିଭା ମୁଖାର୍ଜୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଗାୟତ୍ରୀ ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ଅଧୀନ କ୍ଷୀରପଦାସ୍ଥିତ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ଛାତ୍ରଛାତ୍ରୀଙ୍କୁ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ କମିଟିର ସଭାପତି ବିବେକାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ ସରପଞ୍ଚ ମନମୋହନ ମାଝୀ,



ପ୍ରାକ୍ତନ ଜିଲ୍ଲାପରିଷଦ ବ୍ରଜମୋହନ ବେହେରା, ଜିଲ୍ଲା ମିଡିଆ କୋର୍ଡିନେଟର ଶ୍ରୀନିବାସ ପ୍ରଧାନ, ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ପ୍ରାକ୍ତନ ଶିକ୍ଷକ ଲମ୍ବୋଦର ପଣ୍ଡା, ମନୋରଞ୍ଜନ ବାରିକ, ସୁରେଶ ସାହୁ, ବିଶ୍ୱେଶ୍ୱର ଦିୱେଦି ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀଧର ପଣ୍ଡିତ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଜୟନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ବଡ଼ସାହି:** ବଡ଼ସାହି ବ୍ଲକ ଦଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି, ମୁଖ୍ୟବକ୍ତାଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ହାଡ଼ିବନ୍ଧୁ ମହାପାତ୍ର, ସତ୍ୟାନନ୍ଦ ମିଶ୍ର, ଅଜୟ କୁମାର ଦ୍ୱିବେଦୀ, ସମିତିସଭ୍ୟ ନିହାର ରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ବେହେରା, ସର୍ବେଶ୍ୱର ମଣ୍ଡଳ, ସିଆରସିସି ଦେବରଞ୍ଜନ ମୁଖି ଓ ଶିକ୍ଷା କମିଟି ଚେୟାରମ୍ୟାନ ମନୋରଞ୍ଜନ



ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଇଦ୍ ପାଳିତ

# ଇଦ୍‌ଗାରେ ସମୂହ ନମାଜ ପାଠ


କେନ୍ଦୁଝର


ସୋସୋ


ବାଲିବନ୍ଧ

**କେନ୍ଦୁଝର,୩୧ା୩(ସମିସ)**

ଆଜି ସମସ୍ତ ମୁସଲମାନ ଭାଇ ଭଉଣୀମାନେ ଇଦୁଲଫିତର ହର୍ଷ ଉଲ୍ଲାସର ସହିତ ପାଳନ କରିଛନ୍ତି। ପ୍ରାତଃରୁ ସ୍ନାନାଦି କାର୍ଯ୍ୟ ସମ୍ପାଦନ କରି ନୂତନ ବସ୍ତ୍ର ପରିଧାନ ପୂର୍ବକ ନିକଟସ୍ଥ ମସଜିଦ ମାନଙ୍କରେ ଏକତ୍ରିତ ହୋଇ ଇଦ୍‌ର ୱାଜିବ ନମାଜ ପାଠ କରିଥିଲେ। ନମାଜ ପୂର୍ବରୁ ଗରିବ ଅସହାୟଙ୍କ ମୁହଁରେ ହର୍ଷ ଉଲ୍ଲାସ ଫୁଟାଇବା ପାଇଁ ଇସଲାମିକ ନିୟମ ମୁତାବକ ଜକାତ ଦେଇଥିଲେ। କେନ୍ଦୁଝର ପୁରୁଣା ସହର ଜୁମ୍ମା ମସଜିଦରେ ଇମାମ ଇର୍ସାଦ ଫଇଜି ରମଜାନ ଓ ଇଦ୍‌ର ମାହାତ୍ମ୍ୟ ସମ୍ପର୍କରେ ଖୁତବା ଦେଇ ବିଶ୍ୱ ଶାନ୍ତି ମୈତ୍ରୀ, ସୌହାର୍ଦ୍ଦ୍ୟରେ ଇସଲାମର ଭୂମିକା ଓ ଅବଦାନ ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ନମାଜ ପାଠ ପରେ ପରସ୍ପର ମଧ୍ୟରେ ଲଚ୍ଛା, ସିମେଇ ଖୁଆଇବା ଓ ଖାଇବାର ପର୍ବ ଆରମ୍ଭ ହୋଇଥିଲା। ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଜିଲ୍ଲାର ସମସ୍ତ ମସ୍‌ଜିଦ ମାନଙ୍କରେ ଶାନ୍ତିଶୃଙ୍ଖଳାର ସହିତ ଇଦ୍ ନମାଜ ସମ୍ପନ୍ନ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ସମସ୍ତ ସ୍ଥାନରେ ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ଫୋର୍ସ ମୁତୟନ ଥିଲେ।

**ସୋସୋ:** ହାଟଡିହି ବ୍ଲକ ସୋସୋ ଗ୍ରାମର ଇଦ୍‌ଗାଠାରେ ଆଜି ଇଦୁଲ ଫିତର ନମାଜ ପାଠ ଅନୁଷ୍ଠିତ ହୋଇଯାଇଛି। ଏକ ମାସ ଧରି ରୋଜା, ତରାବି ପାଠ ପରେ ଏହି ଇଦୁଲ ଫିତର ନମାଜ ପାଠ କାର୍ଯ୍ୟକ୍ରମ କରାଯାଇଥିଲା। ନମାଜ ପାଠ ପରେ ନିଜ ନିଜ ଭିତରେ ତିକ୍ତତା, ଶତ୍ରୁତାକୁ ଭୁଲିଯାଇ ସମସ୍ତଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଭାବ, କରମର୍ଦ୍ଦନ କରିଥିଲେ। ଏହି ସମୟରେ ମୁସଲିମ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହିଥିବାବେଳେ ଗ୍ରାମର ଯୁବକମାନେ ପରିଚାଳନା ଓ ସହଯୋଗ କରିଥିଲେ।

**ବାଲିବନ୍ଧ:** ଝୁମ୍ପୁରା ଏବଂ ଅର୍ଶଳା ଗ୍ରାମର ମୁସଲିମ ସମାଜ ପକ୍ଷରୁ ହର୍ଷ ଉଲ୍ଲାସରେ ପବିତ୍ର ଇଦୁଲ ଫିତର ସୋମବାର ପାଳିତ ହୋଇଯାଇଛି। ସକାଳୁ ମୁସଲିମ ସମ୍ପ୍ରଦାୟର ଭାଇ, ଭଉଣୀମାନେ ଇଦ୍‌ଗାରେ ପହଞ୍ଚି ଥିଲେ। ସେଠାରେ ସେମାନେ ସମୂହ ନମାଜ ପାଠ କରିଥିଲେ। ତେବେ ଝୁମ୍ପୁରାଠାରେ ଅନୁଷ୍ଠିତ ଇଦଗାହ ପଡିଆରେ ୫ ହଜାରରୁ ଅଧିକ ମୁସଲିମ ଭାଇଭଉଣୀ ମାନେ ସମୂହ ନମାଜ ପାଠ କରିଥିଲେ। ଅର୍ଶଳାଠାରେ ୨ ହଜାରରୁ ଅଧିକ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ସେମାନେ ଆତ୍ମୀୟ ସ୍ୱଜନଙ୍କ ସହିତ କରମର୍ଦ୍ଦନ କରି ଇଦ୍ ମୁବାରକ ଜଣାଇଥିଲେ। ସମୂହ ନମାଜ ପାଠ ଶାନ୍ତିଶୃଙ୍ଖଳା ସହିତ ସମାପନ ହୋଇଥିଲା। ଝୁମ୍ପୁରା ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ଭିତରେ ଉପହାରର ଆଦାନ ପ୍ରଦାନ କରିଥିଲେ। ମସ୍‌ଜିଦ୍‌ଗୁଡିକ ସଜା ଯାଇଥିବା ବେଳେ ମୁସଲମାନ ସମ୍ପ୍ରଦାୟର ଲୋକେ ନୂଆ ପୋଷାକ ପିନ୍ଧିବା ସହିତ ନିଜ ଘରେ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଇଦ୍ ଦିନ ଛୋଟ ପିଲାମାନଙ୍କୁ କିଛି ଅର୍ଥ ଦିଆଯାଏ ଓ ସମସ୍ତ ମନାନ୍ତରକୁ ଭୁଲି, ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍ ମୁବାରକ ଦିଆଯାଏ। ମୁସଲମାନ ସମ୍ପ୍ରଦାୟର ସବୁଠାରୁ ବଡ ପର୍ବ ଇଦ୍‌ରେ ମିଠାର ଚାହିଦା ରହିଥାଏ। ବିଶେଷକରି ଘରେ ସିମେଇ ପ୍ରସ୍ତୁତ କରାଯାଏ। ଏହାକୁ ଶିର-କୋରମା ବୋଲି କୁହାଯାଏ। ଇସଲାମ ଧର୍ମର ଏହି ପର୍ବର ମୂଳ ଉଦ୍ଦେଶ୍ୟ ହେଲା ସମସ୍ତ ବାଦ ବିବାଦ ଭୁଲି ଭାଇଚାରାର ବାର୍ତ୍ତା ଦେବା। ମୁସଲମାନ ସମ୍ପ୍ରଦାୟର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଇଦ୍ ପୂର୍ବରୁ ରମଜାନରେ ଫିତରା ଓ ଖାନ୍, ହନାନ୍ ଖାନ୍, ମହମ୍ମଦ ତାଜୁଦ୍ଦିନ ଖାନ୍, ତାଇସିମ୍ ଖାନ୍, ହାପିଜୁଦିନ ଖାନ, ଏସକେ ମୌଲବୀ ହୁସେନଙ୍କ ସହ ଉପସ୍ଥିତ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଇଦ୍ ମୁବାରକ ଦେଇଥିଲେ।

**ଚମ୍ପୁଆ:** ଚମ୍ପୁଆ ସଦର ମହକୁମାରେ ମୁସଲିମ ସଂପ୍ରଦାୟର ଇଦ୍-ଉଲ-ଫିତର ପର୍ବ ଶାନ୍ତି ଓ ମୈତ୍ରୀର ବର୍ତ୍ତା ନେଇ ପାଳିତ ହୋଇଯାଇଛି। ଧର୍ମୀୟ ଆସ୍ଥା ଓ ବିଶ୍ୱାସ ରହିଥିବା ପବିତ୍ରମାସ ରମଜାନ ମାସର ଶେଷ ଦିନରେ ସଂପ୍ରଦାୟର ଆବାଳ ବୃଦ୍ଧବନିତା ନବବସ୍ତ୍ର ପରିଧାନକରି ଏହାକୁ ଭକ୍ତିପୁତ ଭାବରେ ପାଳନ କରିଥିଲେ। ଆଜି ପ୍ରତ୍ୟୁଷରେ ଚମ୍ପୁଆର ମୁସଲିମବସ୍ତି, ଅଲ୍ଲିନଗର, ମୌଲାନା ଗୋଡା, ଜାମୁଦଲକ ଆଦି ଅଞ୍ଚଳରେ ଇଦ୍‌ଗା ପଡିଆଠାରେ ସମବେତ ହୋଇ


ଆନନ୍ଦପୁର


ଚମ୍ପୁଆ

**ଆନନ୍ଦପୁର:** ଘସିପୁରା ବ୍ଲକ ଅନ୍ତର୍ଗତ ପଞ୍ଚହରା ଓ ପଣ୍ଡୁଆ ଗ୍ରାମର ମୁସଲମାନ ଭାଇ ଭଉଣୀମାନେ ଇଦ୍-ଉଲ -ଫିତର ପର୍ବ ପାଳନ କରିଛନ୍ତି। ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଛନ୍ତି। ଭାଇଚାରା ସମ୍ପର୍କରେ ଖୁସିରେ ଆଲିଙ୍ଗନ କରି ପରସ୍ପରକୁ ଇଦ ମୁବାରକ୍ ଜଣାଇଥିଲେ। ଏଇ ପର୍ବରେ ନୂଆ ପୋଷାକ, ସାଙ୍ଗସାଥୀ, ଜ୍ଞାତି-କୁଟୁମ୍ବଙ୍କ ଜକାତ୍(ଦାନ ଦକ୍ଷିଣା) ଦେବାର ନିୟମ ରହିଛି। ଏଥିରେ ପ୍ରତ୍ୟେକ ବ୍ୟକ୍ତି ଗରିବ ଲୋକଙ୍କୁ ଶସ୍ୟ ସହ ଆର୍ଥିକ ସହାୟତା ଦେଇଥାନ୍ତି। ପଞ୍ଚହରା ମୌଲବୀ ମହମ୍ମଦ ସିରାଜ, ସଭାପତି ମିର୍ଜା ୟାକୁବ ବେଗ୍, ସଂପାଦକ ମିର୍ଜା ସଫିଉଦ୍ଦିନ ବେଗ୍, ମିର୍ଜା ଜାହାଙ୍ଗୀର ବେଗ୍, ଅଲ୍ଲୀ ମିର୍ଜା ପଣ୍ଡୁଆ ମୌଲବୀ ଏମଡି ଆକ୍ରମ୍, ସର୍ଦ୍ଦାର ଅବଦୁଲ ରହିମ୍

ସାମୂହିକ ନମାଜ ପାଠ କରିଥିଲେ। ଏହାସହିତ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ମୌଲବୀମାନଙ୍କ ଦ୍ୱାରା ସମବେତ ନମାଜ ପାଠ କରାଯାଇଥିଲା। ଭାଇଚାରା ଓ ଦେଶବାସୀଙ୍କ ସୁଖ ସମୃଦ୍ଧି ନିମିତ ପ୍ରାର୍ଥନା କରାଯିବା ସହ ସାମଗ୍ରିକ ମଙ୍ଗଳ କାମନା କରାଯାଇଥିବା ଉସମାନଗନି ସଭାପତି ମହତାବ ଆଲାମ ସୂଚନା ଦେଇଛନ୍ତି।

## ପୁଲିସକୁ ମାଡ଼ ଘଟଣାରେ ୩ ଗିରଫ

**ହାଟଡ଼ିହୀ,୩୧ା୩(ସମିସ):** ନନ୍ଦିପଦା ଥାନା ଅଧୀନ ଅଁରା ପଞ୍ଚାୟତ ମଧୁରଗଡ଼ିଆ ଗ୍ରାମରେ ଗତ ୨୦୧୯ ମସିହା ମେ ମାସରେ ନନ୍ଦିପଦା ପୁଲିସ ଏକ ଘଟଣାର ତଦନ୍ତ ପାଇଁ ଯାଇଥିଲା ବେଳେ ପୁଲିସକୁ ମାଡ଼ ମାରିବା ଅଭିଯୋଗରେ ଆନନ୍ଦପୁର ଜିଆର କେଶନଂ ୨୦୭/୨୦୧୯ ଅନୁଯାୟୀ ଉକ୍ତ ଘଟଣାକୁ ନେଇ ମଧୁରଗଡ଼ିଆ ଗ୍ରାମର ୩ ଜଣଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଆଜି ନନ୍ଦିପଦା ପୁଲିସ ମଧୁରଗଡ଼ିଆ ଗ୍ରାମରେ ଚଢ଼ଉ କରି ୱାରେଣ୍ଟି ଚାନ୍ଦ ଜେନା, ଅଞ୍ଜନା ଜେନା ଓ ପୂଜା ଜେନାଙ୍କୁ ଗିରଫ କରିଛି। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଆନନ୍ଦପୁର ରାଜସ୍ୱ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଆନନ୍ଦପୁର,୩୧ା୩(ସମିସ):** ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହକାରୀ ଅଜୟ କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଆସିଷ୍ଟାଣ୍ଟ କଲେକ୍ଟର ତପନ କୁମାର ପ୍ରଧାନ, ଧୀରେନ୍ଦ୍ର କୁମାର ସିଂହ, ବନଜା ପାତ୍ର ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳ ଅଧିକାରୀ ବିଜୟ କୁମାର ପୂର୍ତ୍ତୀ, ଯୋଗାଣ ଅଧିକାରୀ ଶିବ ପ୍ରସାଦ ଶ୍ରୀଚନ୍ଦନ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦଣ୍ଡପାଟ, ସ୍ୱଳ୍ପ ସଞ୍ଚୟଅଧିକାରୀ ରାଜେନ୍ଦ୍ର ପାଣିଗ୍ରାହୀ, ଏସ ଓ ଗଗନ ବିହାରୀ ଜେନା, ଅମୀୟ କୁମାର ସାହୁ, ଗୌରାଙ୍ଗ ଚରଣ ବାରିକ, ଶୁଭେନ୍ଦୁ କୁମାର ସାହୁ, ଦେବେନ୍ଦ୍ର କୁମାର ନାୟକ, ପ୍ରାଣବନ୍ଧୁ ହେମ୍ବ୍ରମ୍, ମାନସ କୁମାର ଦାସ, ଅଶୋକ କୁମାର ଷେଣ୍ଡ, ନିରୁପମା ନାଏକ, ଶୁଭସ୍ମିତା ଜେନା, ରମେଶ ଚନ୍ଦ୍ର ସାହୁ, ଅଞ୍ଜଳି ସାହୁ, ସୁକାନ୍ତି ବେହେରା, କୁଳମଣି ସାହୁ, ଦିଲ୍ଲୀପ କୁମାର ପଣ୍ଡା, ଭାଗ୍ୟଶ୍ରୀ ସେଠୀ ଉପସ୍ଥିତ ଥିଲେ।

## ବାରୁଣୀ ମେଳାରେ ଜମୁଛି ଯାତ୍ରୀଙ୍କ ଭିଡ଼



**ଆନନ୍ଦପୁର,୩୧ା୩(ସମିସ):** ଶ୍ରୀଝାଡେଶ୍ୱର ପୀଠରେ ଚାଲିଥିବା ବାରୁଣୀ ମେଳାର ଚତୁର୍ଥ ଦିନରେ ବହୁତ ଭିଡ଼ ଜମୁଛି। ଆନନ୍ଦପୁର ଓ ଘସିପୁରା ପାଶ୍ୱର୍ରୁ ଶହ ଶହ ସଂଖ୍ୟାରେ ଲୋକଙ୍କ ସମାଗମ ଯୋଗୁଁ ପ୍ରବଳ ଗହଳି ଜମିଥିଲା। ଏପରିକି ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଝାଡେଶ୍ୱର ମୁଖ୍ୟ ରାସ୍ତା ଓ ଡାକ୍ତରଖାନା ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଘସିପୁରା ପୁଲିସ୍ ପକ୍ଷରୁ ଭିଡ ନିୟନ୍ତ୍ରଣ କରାଯାଇଥିଲା। ଏହି ମେଳାରେ ଛୋଟ ପିଲାମାନେ ମଜା ଉଠାଉଥିବା ବେଳେ ଯୁବଗୋଷ୍ଠୀ ଚାଟ୍, ଗୁପଚୁପ୍, ଦୋଷା, ଠୁଙ୍କାପୁରୀ, ଆଇସକ୍ରିମ୍, ଚାଇନିଜ୍ ଖାଦ୍ୟ ନିକଟରେ ଭିଡ଼ ଲଗାଇଥିଲେ। ବୟସ୍କମାନେ ପ୍ରସିଦ୍ଧ ଚଣା ଉଖୁଡା ସହିତ ଘରକରଣା ଜିନିଷ କିଣି ନେଉଥିବା ବେଳେ ମହିଳାମାନେ ବିଭିନ୍ନ ଫ୍ୟାନସି ସାମଗ୍ରୀ ଦୋକାନ ନିକଟରେ ଗହଳି ଲଗାଇଥିବା ପରିଲକ୍ଷିତ ହୋଇଥିଲା। କୋଠ ତହସିଲଦାର ସୁଶାନ୍ତ କୁମାର ସାମଲ, କମିଟି ସଦସ୍ୟ ଅଜୟ ସାହୁ, ରଶ୍ମିରଂଜନ ନନ୍ଦ, ଅକ୍ଷୟ ସାହୁ, ପଦ୍ମନାଭ ସାହୁ, ତୋଫାନ ସାହୁ, ବୁଲୁ ପଟ୍ଟନାୟକ, ଆଶିଷ ବେହେରା, ଶୈଳ ରଞ୍ଜନ ସାହୁ, ମହେଶ୍ୱର ସାହୁ ପ୍ରମୁଖ ମେଳା ପରିଚାଳନା କରୁଛନ୍ତି।

## ଆନନ୍ଦପୁର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

**ଆନନ୍ଦପୁର,୩୧ା୩(ସମିସ):** ରବିବାର ଆନନ୍ଦପୁର ବ୍ଲକ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରାଯାଇଛି। ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ ଏବିଡିଓ ବିଚିତ୍ର ନନ୍ଦ କରଙ୍କ ସଂଯୋଜନାରେ ଅଧ୍ୟକ୍ଷା ଅଞ୍ଜନା ବାରିକ, ୩ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ଅସୀମା ମିଶ୍ର, ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଆନନ୍ଦପୁର ଏବିଡିଓ ତାଙ୍କ ଅଭିଭାଷଣରେ ପୂରଣ ହେବ ପକ୍କାଘରର ଆଶା ବିକଶିତ ହେବ ଆମ ଓଡ଼ିଶା, ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ ପରିବାର, ଘରପୋଡି, ହାତୀ ଉପଦ୍ରବ, ବନ୍ୟା, ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ। ଆନନ୍ଦପୁର ବ୍ଲକ ପଞ୍ଚାୟତ ସମିତି ପରିସରରେ ୨୪୦ ଜଣ ହିତାଧିକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ୧୮ ଟି ପଞ୍ଚାୟତର ହିତାଧିକାରୀମାନେ ଏହି ପତ୍ର ଗ୍ରହଣ କରିଛନ୍ତି।

## ଯୁବକଙ୍କୁ ହାଣି ୩୦ ହଜାର ଲୁଟିନେଲେ ଦୁର୍ବୃତ୍ତ

**ତେଲକୋଇ,୩୧ା୩(ସମିସ):** ତେଲକୋଇ ଜଗମୋହନପୁର ରାସ୍ତାର ଛାମୁଣ୍ଡା ଏବଂ ଗୋଲାବନ୍ଧ ଗ୍ରାମ ମଝିରେ ଥିବା ଜଙ୍ଗଲ ରାସ୍ତାରେ ସଶସ୍ତ୍ର ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ଜଣେ ଯୁବକଙ୍କୁ ଆକ୍ରମଣ କରି ଦୁଇ ଦୁର୍ବୃତ୍ତ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁରୁତର ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଅଭିଯୋଗ ପରେ ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ସ୍ଥାନୀୟ କନ୍ତଲେଇ ଗ୍ରାମର ବିନୟ ମୁଖିଙ୍କ ପୁଅ ରାହୁଲ ମୁଖି ନିଜର ବାଇକ୍‌ର ବକେୟା ଅର୍ଥ (୩୦ ହଜାର) ଟଙ୍କା ପୈଠ କରିବାକୁ ଆଜି ପୂର୍ବାହ୍ନରେ ପାଲଲହଡ଼ା ଅଭିମୁଖେ ଯାଉଥିବା ବେଳେ ପଛ ପର୍ଶ୍ୱରୁ ଆଉ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ରାହୁଲଙ୍କ ଗୋଡ଼କୁ ଏକ ଧାରୁଆ ଅସ୍ତ୍ରରେ ହାଣି ଦେଇଥିଲେ। ଏହା ପରେ ଦୃର୍ବୃତ୍ତମାନେ ରାହୁଲଙ୍କ ପାଖରେ ଥିବା ୩୦ ହଜାର ଟଙ୍କା ଏବଂ ମୋଟର ସାଇକେଲ ଚାବି ନେଇ ପଳାଇ ଯାଇଥିଲେ। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିବନ୍ଧ,୩୧ା୩(ସମିସ):** ଝୁମ୍ପୁରା ଥାନା ଅଞ୍ଚଳ ବାଲିବନ୍ଧ ପଞ୍ଚାୟତ ବାଲିବନ୍ଧ ଗ୍ରାମର ବଣ ସାହିରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସେହି ଗ୍ରାମର ବଙ୍ଗାଳି ବେଣ୍ଟକାରଙ୍କ ସ୍ତ୍ରୀ ଝୁମା ବେଣ୍ଟକାର (୨୨) ଆତ୍ମହତ୍ୟା କରିଥିବା ଝୁମ୍ପୁରା ଥାନାରେ ସୋମବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ସ୍ୱାମୀ, ସ୍ତ୍ରୀ ଓ ଦୁଇ ପୁଅ ଖିଆପିଆ କରିଥିଲେ। ଖାଇ ସାରି ଦୁଇ ପୁଅ ପଡିଶା ଘରକୁ ଶୋଇବା ପାଇଁ ଯାଇଥିଲେ। ଗରମ ହେଉଥିବାରୁ ସ୍ୱାମୀ ବଙ୍ଗାଳି ଖାଇ ସାରି ବାହାରେ ବୁଲାବୁଲି କରୁଥିଲେ। ପ୍ରାୟ ୧ ଘଣ୍ଟା ପରେ ସେ ଘରକୁ ଫେରି ଦେଖିଲା ବେଳକୁ ସ୍ତ୍ରୀ ଝୁମା ଘରେ ନଥିଲେ। ଖୋଜାଖୋଜି କରିବା ସମୟରେ ଘର ସାମ୍ନାରେ ଥିବା ଏକ ଶାଗୁଆନ ଗଛରେ ଏକ ଶାଢ଼ୀରେ ଫାଶୀ ଲଗାଇ ଝୁମା ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ ବଙ୍ଗାଳି। ସେ ସଙ୍ଗେ ସଙ୍ଗେ ପଡିଶା ଲୋକଙ୍କୁ ଡାକିଥିଲେ। ଖବର ପାଇ ଝୁମ୍ପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆନନ୍ଦପୁରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



**ଆନନ୍ଦପୁର,୩୧ା୩(ସମିସ):** ପବିତ୍ର ରତିପଦା ଉତ୍ସବ ଅବସରରେ ବିଶ୍ୱ କଲ୍ୟାଣ ଦେବ ଯଜ୍ଞ ସହ ରାଷ୍ଟ୍ରୀୟ ନବବର୍ଷ ଆର୍ଯ୍ୟ ସମାଜ ଓ ବୈଦିକ ବିଚାର ମଞ୍ଚ ଆନୁକୂଲ୍ୟରେ ମଙ୍ଗଳପୁର ଭାଗବତ ମଠ ପ୍ରାଙ୍ଗଣରେ ମଠାଧୀଶଙ୍କ ଉପସ୍ଥିତିରେ ଓ ବୈଦିକ ବିଚାର ମଞ୍ଚର ଆବାହକ ଅମୂଲ୍ୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଦ୍ୱିତୀୟ ଉତ୍ସବ ପାଳିତ ହୋଇଯାଇଛି। ସେହିପରି ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ରବିବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଆନନ୍ଦପୁର ନଗର ରାଷ୍ଟ୍ରୀୟ ସ୍ୱୟଂ ସେବକ ପକ୍ଷରୁ ରବିବାର ଆନନ୍ଦପୁର ବଡ଼ଦାଣ୍ଡଠାରେ ହିନ୍ଦୁ ନବବର୍ଷ ପାଳନ କରାଯାଇଥିବା ବେଳେ ନଗର ସଂଘ ଚାଳକ ସର୍ବେଶ୍ୱର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କେନ୍ଦୁଝର ଜିଲ୍ଲା ସଂଘ ଚାଳକ ଭାଗିରଥି ପୃଷ୍ଟି, ସମ୍ମାନିତ ଅତିଥି ଭାବେ କବି ପ୍ରଫୁଲ୍ଲ କୁମାର ଚକ୍ର ଯୋଗ ଦେଇଥିଲେ। ଜିଲ୍ଲା ମାର୍ଗ ପ୍ରମୁଖ କମଳାକାନ୍ତ ସୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱୟଂ ସେବକ ରମେଶ ଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ସାହୁ, ସିପୁ ଜେନା, ଲକ୍ଷ୍ମୀଧର ଦାଶ, ବିମଳ ସୁର, ରଘୁନାଥ ପୃଷ୍ଟି, ବିଜୟ ମୁଦୁଲି, ମହେଶ୍ୱର ସାହୁ, ଶମ୍ଭୁନାଥ ରାଉତ, ନିରାକାର ଦଳେଇ, ହରେକୃଷ୍ଣ ପାତ୍ର, ଶ୍ରୀଧର ସାହୁ, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ପ୍ରଶାନ୍ତ ମହାପାତ୍ର, ବାବାଜୀ ପଣ୍ଡା, ପଙ୍କଜ ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦର ସଂପାଦକ ହଳଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ବୋଦ୍ଧିକ ମଣ୍ଡପଠାରେ ହିନ୍ଦୁ ନବବର୍ଷ ପାଳନ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପତିତପାବନ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ସବିତାରାଣୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ତଥା ବିଜେପି ଜିଲ୍ଲା ପ୍ରଭାରୀ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଜଳସରପୁର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ହାଟଡ଼ିହୀ/ସୋସୋ,୩୧ା୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଜଳସରପୁର ସରସ୍ୱତୀ ଶିଶୁମନ୍ଦିରରେ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବିନୟ ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ଭାବେ ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ରମେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ସମାପନ ପରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କୁନି କୁନି ଶିଶୁମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମନ ବେଶ ଚିତ୍ତାକର୍ଷକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ଉପସଭାପତି ଅନନ୍ତ କୁମାର ସ୍ୱାଇଁ, ସହ-ସମ୍ପାଦକ ଅମରବର ସେଠୀ, କୋଷାଧ୍ୟକ୍ଷ ନକୁଳ କୁମାର ଜେନା, ସଭ୍ୟା ଗିରିଶବାଳା ରାଉତ, ଗୀତାରାଣୀ ସେଠୀ ତଥା ବିଦ୍ୟାଳୟର ଗୁରୁଜୀ ରମାକାନ୍ତ ବେହେରା, ପ୍ରଭାତ କୁମାର ପେଡା, ହରେକୃଷ୍ଣ ବାରିକ, ସତ୍ୟବ୍ରତ ବାରିକ, ପଙ୍କଜ କୁମାର ଜେନା, ଗୁରୁମା ପ୍ରମିଳା ମିଶ୍ର, ସଞ୍ଜୁଲତା ସାମଲ, ମମତାମୟୀ ଧଳ, ପଦ୍ମିନୀ ଜେନା, ମନୋରମା ବାରିକ, ସେବିକା ବେଙ୍ଗଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଜୀ ରମେଶ ସାହୁ ଧନ୍ୟବାଦ ଦେଇଥିଲେ।

## ବାଲି ଚାଲାଣ ବେଳେ ଚଢ଼ଉ; ୩ ହାଇୱା ଜବତ



**ରାମଚନ୍ଦ୍ରପୁର,୩୧ା୩(ସମିସ):** ଦିବାଲୋକରେ ଚାଲିଛି ବେଧଡ଼କ ବାଲି ଚାଲାଣ। ମାଫିଆମାନେ ବାଲି ବୋହି ନେଉଥିଲା ବେଳେ ମାଡ଼ିବସିଛି ସ୍ପେଶାଲ ସ୍କ୍ୱାଡ୍। ଜାତୀୟ ରାଜପଥ ୨୦ ନମ୍ବର ହସନପୁର ଟୋଲପ୍ଲାଜା ନିକଟରେ ଆଜି ସକାଳେ ୨ଟି ବାଲି ବୋଝେଇ ହାଇୱା ସହିତ ଗୋଟିଏ ପଥର ବୋଝେଇ ହାଇୱାକୁ ଜବତ କରିଛି ସ୍ପେଶାଲ ସ୍କ୍ୱାଡ୍। ବେଆଇନ ଲଘୁଖଣିଜ ପଦାର୍ଥ ଚାଲାଣ ଉପରେ ଜୋରଦାର ଚଢ଼ଉ ହେଉଥିବା ବେଳେ ଅନେକ ମାଫିଆ ଏବେ ମଧ୍ୟ ସକ୍ରିୟ ହୋଇ ବାଲି ସହିତ ପଥର ଚାଲାଣ କରୁଥିବା ଜଣାପଡିଛି। ଖବର ପାଇ ଆଜି ସାଇଁକୁଳ ଫାଣ୍ଡି ପୁଲିସ ସହିତ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଚଢ଼ଉ କରି ତିନୋଟି ହାଇୱା ଜବତ କରିଛନ୍ତି।

### ବିବାହର ପ୍ରତିଶ୍ରୁତି ଦେଇ ଧୋକା ଦେଲା ପ୍ରେମିକ

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ କଲେଜ ଛାତ୍ରୀ

**ତୁରୁମୁଙ୍ଗା,୩୧ା୩(ସମିସ):** ଲଭ୍, ସେକ୍ସ ପରେ ଧୋକ୍କା ଦେଇଥିବା ପ୍ରେମିକଙ୍କ ବିରୋଧରେ ଅଭିଯୋଗ ଆଣି ନ୍ୟାୟ ପାଇବା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ କଲେଜ ଛାତ୍ରୀ। ପାଟଣା ଥାନା ଅଞ୍ଚଳର ଉକ୍ତ ଛାତ୍ରୀ ଜଣକ ଏବେ ୮ ମାସର ଗର୍ଭବତୀ ଥିବା ଅଭିଯୋଗ ହୋଇଛି। ଏନେଇ ସେ ପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ପୁଲିସ ମାମଲା ରୁଜୁ କରି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଛାତ୍ରୀ ଜଣଙ୍କ ନ୍ୟାୟ ପାଇବା ପାଇଁ ପରିବାର ଲୋକଙ୍କ ସହ ମିଶି ଏସ୍‌ପିଙ୍କ ନିକଟରେ ନିଜର ଦୁଃଖ ଜଣାଇଛନ୍ତି। ଅଭିଯୋଗ ଅନୁସାରେ ଛାତ୍ରୀ ଜଣକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଯୁକ୍ତ ଦୁଇରେ ପାଠ ପଢୁଥିବା ବେଳେ ମଝିରେ ମଝିରେ ଘରକୁ ଆସିଥାନ୍ତି। ଏହି ସମୟରେ ସରାସକୋଲା ଗ୍ରାମର ଜଣେ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ହୋଇଥିଲା। ପ୍ରେମରୁ ଶାରୀରିକ ସମ୍ପର୍କ ହେବାରୁ ସେ ଏବେ ୮ ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ତେବେ ଯୁବକ ଜଣକ ଛାତ୍ରୀଙ୍କୁ ବିବାହ ପାଇଁ ମନା କରିବାରୁ ସେ ଥାନାରେ ଅଭିଯୋଗ କରିବା ସହ ଏସ୍‌ପିଙ୍କ ନିକଟରେ ଦ୍ୱାରସ୍ଥ ହୋଇ ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗ କରିଛନ୍ତି। ଏନେଇ ପାଟଣା ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଯୁବକ ଜଣକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଟ୍ରେଲର-ହାଇୱା ଧକ୍କା; ଜଣେ ମୃତ



**ଆନନ୍ଦପୁର,୩୧ା୩(ସମିସ):** ଆନନ୍ଦପୁର ଉପଖଣ୍ଡ ୨୦ନଂ ଜାତୀୟ ରାଜପଥର ଶୈଲଙ୍ଗ ବିଜି ମୋଟର୍ସ ଛକ ନିକଟରେ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ଟ୍ରେଲରକୁ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଧକ୍କା ଦେବାରୁ ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ହେଲପର୍‌ଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଡ୍ରାଇଭର ବିହାର ଅଞ୍ଚଳର ମାନସ ଓ ଗୁରୁତର ହେଲପର୍ ଜଣକ ଦୋହନଲାଲ ଯାଦବ ବୋଲି ଜଣାପଡିଛି। ଦୁର୍ଘଟଣାଟି ପାଖାପାଖି ଗତକାଲି ରାତି ୩ଟା ସମୟରେ ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଘଷିପୁରା ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।

# ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ଦୃଶ୍ୟମାନତା ଦିବସରେ ସଚେତନତା

**କେନ୍ଦୁଝର,୩୧ା୩(ସମିସ)**

ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ତୃତୀୟ-ଲିଙ୍ଗୀ ଦୃଶ୍ୟମାନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ସଦର ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସଚେତନତା ସଭାରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଅଧ୍ୟକ୍ଷତା କରି ସମାଜରେ ବ୍ୟାପକ ସଂସ୍କାର ଅଣାଯାଇ କିନ୍ନର ସମ୍ପ୍ରଦାୟକୁ ସଶକ୍ତ କରାଯିବା ସହ ସେମାନଙ୍କ ନାର୍ଯ୍ୟ ଅଧିକାର ଯୋଗାଇ ଦେବା ପାଇଁ ପ୍ରଶାସନ ସଦାସର୍ବଦା ତତ୍ପର ଥିବା କହିଥିଲେ। ସେମାନଙ୍କୁ ସମାଜରେ ସମାନ ସୁବିଧା ସୁଯୋଗ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା



ସମ୍ପର୍କରେ ଆଲୋକପାତ କରି କିନ୍ନରମାନଙ୍କୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକମାନଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ପ୍ରଥମ ତୃତୀୟ ଲିଙ୍ଗ ଆଇନଜୀବୀ ସଲମା ବେଗମ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ତୃତୀୟ ଲିଙ୍ଗୀ ବ୍ୟକ୍ତି ଯୋଗ ଦେଇଥିଲେ। ସଭା କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କୁମାର ସାମନ୍ତରାୟ ସଂଯୋଜନା କରି ପ୍ରାରମ୍ଭିକ ସୂଚନା ଦେବା ସହ ପରିଚାଳନା କରିଥିଲେ। ପ୍ରାରମ୍ଭରେ ତୃତୀୟ ଲିଙ୍ଗୀ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରୁ ବାହାରି ନଗର ପରିକ୍ରମା କରିଥିଲା। ସବୁଜ ପତାକା ଦେଖାଇ ଉପଜିଲ୍ଲାପାଳ ଶ୍ରୀ ଦଳାଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ।

